ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

କୋଭିଡ୍-୧୯ ପି.ଆର୍. ନଂ-୩୮
ଅପରାହ୍ଣ-୪.୩୦ ଘଟିକା

# ପ୍ରେସ୍ ବିବୃତି

ଭୁବନେଶ୍ୱର : ୨୦ ଅପ୍ରେଲ,୨୦୨୦

କରୋନା ଭୂତାଣୁ ରୋଗ (କୋଭିଡ୍-୧୯)ର ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଓଡ଼ିଶା ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ଶ୍ରୀ ସୁବ୍ରତ ବାଗ୍‌ଚୀ ଏବଂ ସୂଚନା ଓ ଲୋକସଂପର୍କ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ଆଜି ଅପରାହ୍ଣରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

- ଆଜି ପୂର୍ବାହ୍ଣରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମାନ୍ୟବର କେନ୍ଦ୍ର ଇସ୍ପାତ୍ ଓ ପେଟ୍ରୋଲିୟମ୍ ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରହ୍ଲାଦ ଯୋଶୀଙ୍କ ଉପସ୍ଥିତିରେ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଅନୁଗୋଳ, ବରଗଡ଼, ଜଗତସିଂହପୁର, ନବରଙ୍ଗପୁର ଏବଂ ସୁନ୍ଦରଗଡ଼ରେ ୫ଟି ସ୍ୱତନ୍ତ୍ର କୋଭିଡ୍ ହସ୍‌ପିଟାଲ୍‌ର ଲୋକାର୍ପଣ କରିଛନ୍ତି । ସମୁଦାୟ ୮୨୫ଟି ଶଯ୍ୟା ସଂଖ୍ୟାବିଶିଷ୍ଟ ଏହି ୫ଟି ସ୍ୱତନ୍ତ୍ର କୋଭିଡ୍ ହସ୍‌ପିଟାଲ୍ ପ୍ରସ୍ତୁତିରେ ମହାନଦୀ କୋଲ୍‌ଫିଲଡ୍, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍, ପାରାଦୀପ ପୋର୍ଟ ଟ୍ରଷ୍ଟ, ନାଲ୍‌କୋ ଏବଂ ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପାଣ୍ଠିର ସହଭାଗିତା ରହିଛି । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୦ଟି ସ୍ୱତନ୍ତ୍ର କୋଭିଡ୍ ହସ୍‌ପିଟାଲ୍ କାର୍ଯ୍ୟକ୍ଷମ ହେବା ସହ ମୋଟ ଶଯ୍ୟା ସଂଖ୍ୟା ୪୯୭୬କୁ ବୃଦ୍ଧି ପାଇଛି । ଏହି ଲୋକାର୍ପଣ ଅବସରରେ ରାଜ୍ୟ ସରକାର ଏବଂ ସରକାରୀ ଉଦ୍ୟୋଗମାନଙ୍କର ଉଦ୍ୟମକୁ ପ୍ରଶଂସା କରିବା ସହ ସ୍ୱତନ୍ତ୍ର କୋଭିଡ୍ ହସ୍‌ପିଟାଲ୍ ନିର୍ମାଣରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନ ମତ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କରୋନା ଭୂତାଣୁ ସଂକ୍ରମଣ (କୋଭିଡ୍-୧୯)କୁ ପ୍ରତିହତ କରିବାରେ ରାଜ୍ୟବାସୀଙ୍କ ପୂର୍ଣ୍ଣ ସହଯୋଗ ଏବଂ ତ୍ୟାଗକୁ ପ୍ରଶଂସା କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସବୁସ୍ତରରେ ଲୋକମାନଙ୍କ ତ୍ୟାଗ, ସହଯୋଗ ଏବଂ ଉତ୍ସର୍ଗୀକୃତ ବ୍ୟବସ୍ଥା ଫଳରେ ଏହା ହାସଲ ହୋଇପାରିଛି । କଟକଣା ଉଠିଯିବା ପରେ ଅନ୍ୟ ରାଜ୍ୟରେ ରହିଯାଇଥିବା ଓଡ଼ିଶାର ଭାଇ ଓ ଭଉଣୀମାନଙ୍କୁ ଫେରାଇ ଆଣିବା ନିମନ୍ତେ ସଂପୃକ୍ତ ରାଜ୍ୟ ଓ ଭାରତ ସରକାରଙ୍କ ସହିତ ସମନ୍ୱୟ ରକ୍ଷା କରି ଓଡ଼ିଶା ସରକାର ନିରାପଦରେ ସେମାନଙ୍କୁ ଓଡ଼ିଶା ଫେରାଇ ଆଣିବେ । ବୈଷୟିକ ଜ୍ଞାନକୌଶଳ ଏବଂ ମାନବୀୟ ଦୃଷ୍ଟିଭଙ୍ଗୀ ସହିତ ଗ୍ରାମପଞ୍ଚାୟତ ଏବଂ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ସଂପୃକ୍ତ କରି ଗୋଷ୍ଠୀ ତଦାରଖ ବ୍ୟବସ୍ଥା ଭିତ୍ତିରେ ସେମାନଙ୍କୁ ନିରାପଦରେ ଫେରାଇ ଅଣାଯିବ ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କୁ ସେମାନଙ୍କ ପଞ୍ଚାୟତ ପରିସୀମା ମଧ୍ୟରେ ଜିଲ୍ଲାପାଳଙ୍କ କ୍ଷମତା ପ୍ରଦାନ କରିଛନ୍ତି । ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ର ଧାରା ୫୧, ମହାମାରୀ ରୋଗ ଆଇନ୍ ୧୮୯୭, ଓଡ଼ିଶା କୋଭିଡ୍-୧୯ ରେଗୁଲେସନ୍ ୨୦୨୦ ଅନୁଯାୟୀ ଏହି କ୍ଷମତା ପ୍ରଦାନ କରାଯାଇଛି । ଗ୍ରାମପଞ୍ଚାୟତ ସରପଞ୍ଚମାନେ ଅନ୍ୟ ରାଜ୍ୟରୁ ଫେରୁଥିବା ଓଡ଼ିଶାର ଲୋକମାନଙ୍କର ପଂଜୀକରଣ, ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା, ରହିବା ଓ ଖାଦ୍ୟପେୟ ବନ୍ଦୋବସ୍ତ ଏବଂ ସେମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ସୁନିଶ୍ଚିତ ଓ ନିୟନ୍ତ୍ରିତ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଛନ୍ତି । ସରପଞ୍ଚଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କଲେ ଯେକୌଣସି ବ୍ୟକ୍ତି ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ।

- ଅନ୍ୟ ରାଜ୍ୟରୁ ଫେରୁଥିବା ଲୋକମାନଙ୍କ ପାଇଁ ପ୍ରତି ଗ୍ରାମପଞ୍ଚାୟତରେ ପଞ୍ଜୀକରଣର ସୁବିଧା ରହିବ । ଅନ୍ୟ ରାଜ୍ୟରୁ ଗାଁକୁ ଫେରୁଥିବା ଲୋକଙ୍କୁ ଫେରିବା ପୂର୍ବରୁ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି । ସେମାନଙ୍କର ପରିବାର ଲୋକମାନେ ସେମାନଙ୍କ ପାଇଁ ନାମ ପଞ୍ଜୀକରଣ କରିପାରିବେ । ସେମାନଙ୍କୁ ପଞ୍ଚାୟତରେ ୧୪ ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରଖାଯିବ । ସେମାନଙ୍କର ରହିବା, ଖାଇବା ଓ ଚିକିତ୍ସା ଆଦି ସବୁ ସୁବିଧା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ । ସଫଳତାର ସହ କ୍ୱାରାଣ୍ଟାଇନ୍ ସମୟ ସମାପ୍ତି ପରେ ପ୍ରୋତ୍ସାହନ ଭାବେ ସେମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ଦିଆଯିବ ।

- ରାଜ୍ୟରେ ଫଳପ୍ରଦ କୋଭିଡ୍-୧୯ ସଂକ୍ରମଣ ପ୍ରତିରୋଧ ପଦକ୍ଷେପଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି । କୋଭିଡ୍-୧୯ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟରେ ଆଗୁଆ ପଦକ୍ଷେପ ଓ ପ୍ରସ୍ତୁତି, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, କଡ଼ାକଡ଼ି ଭାବରେ ସାମାଜିକ ଦୂରତ୍ୱ ପାଳନ, ସ୍ୱତନ୍ତ୍ର କୋଭିଡ୍ ହସ୍‌ପିଟାଲ୍ ସ୍ଥାପନ ଏବଂ ଜନସାଧାରଣଙ୍କ ଜୀବନଜୀବିକା ଏବଂ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକ ୱାର୍ଲଡ୍ ଇକୋନୋମିକ୍ ଫୋରମ୍ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି ।

- ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ସଂକ୍ରମଣ ପ୍ରତିରୋଧ ଇଲାକା(କଣ୍ଟେନ୍‌ମେଣ୍ଟ ଜୋନ୍)ରେ ରହିଥିବା ନାଗରିକମାନେ ସଂକ୍ରମଣ ପ୍ରତିରୋଧକୁ କଡ଼ାକଡ଼ି ଓ ସଫଳ କରିବାରେ ସମସ୍ତ ପ୍ରକାର ସହଯୋଗ କରିଛନ୍ତି । କୋଭିଡ୍ ମହାମାରୀକୁ ରୋକିବା ପାଇଁ ନିଜ ନିଜର ତ୍ୟାଗ ସ୍ୱୀକାର କରି ପ୍ରଶାସନକୁ ସହଯୋଗ କରୁଥିବା ଏହି ନାଗରିକମାନେ ମଧ୍ୟ ଜଣେ ଜଣେ କୋଭିଡ୍-୧୯ ଯୋଦ୍ଧା ।

- ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ବାହାର ରାଜ୍ୟର ପ୍ରାୟ ୭୮,୦୦୦ ଅତିଥି ଶ୍ରମଜୀବୀଙ୍କୁ ୨୫୮୩ ଟି ଶିବିର ଜରିଆରେ ଖାଇବା ଓ ରହିବା ସୁବିଧା ସହିତ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି । ଏହି ସବୁ ଅତିଥି ଶ୍ରମଜୀବୀ ମାନେ ଦେଶର ଅନ୍ୟାନ୍ୟ ରାଜ୍ୟରୁ ଆସି ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଛନ୍ତି । ଅଭିଯୋଗ ଗ୍ରହଣ ପାଇଁ ଶ୍ରମଜୀବୀ ସହାୟତା କଲ୍ ସେଣ୍ଟର ଟୋଲ୍ ଫ୍ରି ନଂ-୧୮୦୦୩୪୫୬୭୦୩ ଜାରି କରାଯାଇଛି ।

- ଆଜି ରାଜ୍ୟର ୫୪୮୮ ଗ୍ରାମ ପଞ୍ଚାୟତରେ ୩,୪୮,୫୪୮ ଜଣ ନିରାଶ୍ରୟ ଓ ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି । ସେହିପରି ୧୧୪ ଟି ପୌରାଞ୍ଚଳରେ ୪୦,୯୨୩ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

